**ବସ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ**

ଆସିକା, (ସୁରେନ୍ଦ୍ର ନାଥ ସାହୁ): ଆସିକା ବସଷ୍ଟାଣ୍ଡରେ ରବିବାର ସକାଳେ ଏକ ଯାତ୍ରୀ ବାହୀ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଙ୍ଗପୁର ଅଞ୍ଚଳର କମଳା ଡାକୁଆ। କମଳା ପୋଲସରା ନିକଟସ୍ଥ ମଧୁପଲ୍ଲୀ ଗ୍ରାମର ତାଙ୍କ ଝିଅ ଘରକୁ ଯିବା ଲାଗି ବସ୍ ପାଖକୁ ଯାଉଥିବା ବେଳେ ଅନ୍ୟ ଏକ ଯାତ୍ରୀ ବାହୀ ବସ୍ ଧକ୍କାରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ମୃତଦେହକୁ ନେଇ ଆସିକା ଡାକ୍ତର ଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।



**ସଂକ୍ଷେପରେ**

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଧରାକୋଟ,୨୫।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ବରଡାବିଲି ଗ୍ରାମର ସୀମାଞ୍ଚଳ ପାଢ଼ୀ (୪୦)ଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିବା ବେଳେ ଉଦ୍ଧାର ହୋଇଛି। ବିଶ୍ୱନାଥ ପାଢ଼ୀଙ୍କ ପୁଅ ସୀମାଞ୍ଚଳ ଚାରି ଦିନ ହେବ ନିଖୋଜ ଥିଲେ। ଏନେଇ ପରିବାର ଲୋକେ ଧରାକୋଟ ଥାନାରେ ଏତଲା ଦେଇଥିଲେ । ରବିବାର ଗାଁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଧରାକୋଟ ଥାନା ଓ ଦମକଳବାହିନୀକୁ ଖବର ଦେବା ପରେ ଦମକଳବାହିନୀ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଧରାକୋଟ ଥାନାରେ ନଂ. ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି।

# ଭାରତ ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର

ଭଞ୍ଜନଗର,୨୫।୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ରବିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏନେଇ ଉପ ଜିଲାପାଳ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରିଥିଲା। ଉପ ଜିଲାପାଳ ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପରେ ଟାଉନହଲ ପରିସରରେ ଏକ ସଭା ହୋଇଥିଲା। ଏଥିରେ ଉପଜିଲାପାଳ ବେହେରା ଯୋଗଦେଇ ୨୦୧୧ରୁ ଜାତୀୟ ମତଦାତା ଦିବସ ପାଳିତ ହୋଇଆସୁଛି। ଭାରତ ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶରେ ଅବାଧ ଓ ମୁକ୍ତ ନିର୍ବାଚନ ହେଉଛି। ଅଧିକରୁ ଅଧିକ ମତଦାତା ନିର୍ବାଚନରେ ଭାଗ ନେଇ ନିଜର ମତଦାନ ସାବ୍ୟସ୍ତ କରବାକୁ ସେ ପରାମର୍ଶ ଦେଇଥିଲେ।



ଶୋଭାଯାତ୍ରାକୁ ଉପ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଅତିରିକ୍ତ ସବ କଲେକ୍ଟର ତୁଳିଅମ୍ବା ପ୍ରଧାନ, ବିଡିଓ ଭାରତୀ ଦେବୀ, ଡେପୁଟି କଲେକ୍ଟର ରଚିତା ମହାପାତ୍ର, ଅତିରିକ୍ତ ତହସିଲଦାର ଅବିନାଶ ମହାର,ସାବିତ୍ରୀ ମହିଳା ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ଦାସ, ପୌର ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ସହକାରୀ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଫକୀରଜିନ ଜ୍ୟୋତି ନାୟକ, ଚନ୍ଦ୍ରଗିରି ଗାୟତ୍ରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ନାୟକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ସେମାନେ ଜାତୀୟ ମତଦାତା ଦିବସର ଉଦ୍ଦେଶ୍ୟ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ

**ଜାତୀୟ ମତଦାତା ଦିବସ ପାଳିତ**

ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ସ୍ୱେଚ୍ଛାସେବୀ, ଯୁବ ରେଡକ୍ରସ, ଏନ୍‌ସିସି କ୍ୟାଡେଟ, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ମୁକ୍ତିପଦ ନାୟକ, ସତ୍ୟ ରଞ୍ଜନ ଜେନା, ଡି.ସତ୍ୟ ନାରାୟଣ ରେଡ୍ଡୀ, ସୁନୀଲ ବେହେରା, ସଞ୍ଜୟ ସେଠୀ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଞ୍ଜାମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ
# ୧୩ ବୁଥ୍‌ସ୍ତରୀୟ ଅଧିକାରୀ, ୧୩ ବିଏଲ୍‌ଓ ସୁପରଭାଇଜର ପୁରସ୍କୃତ



ସଚେତନତା ଲାଗି ବାହାରିଥିବା ଶୋଭାଯାତ୍ରା।

ଛତ୍ରପୁର,୨୫।୧ (ଦିଲୀପ ସାମଲ)

ଗଞ୍ଜାମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ-୨୦୨୬ ଛତ୍ରପୁରସ୍ଥିତ ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା ଯୋଗଦେଇ ଜାତୀୟ ମତଦାତା ଦିବସର ମହତ୍ୱ ମତଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଓ ଡେପୁଟି ବିଏମ୍‌ସି କମିଶନର କଲ୍ୟାଣୀ ସଂଘମିତ୍ରା ଯୋଗଦେଇ ଛାତ୍ରୀଛାତ୍ର ଓ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଡେପୁଟି କଲେକ୍ଟର ( ନିର୍ବାଚନ) ଅରୁଣ ଖଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଚେତନତା ରାଲି ଜିଲାପାଳଙ୍କ ଅଫିସରୁ ବାହାରି ସହର ପରିକ୍ରମା କରିବା ପରେ ଋଷିକୁଲ୍ୟା ସମ୍ମିଳନୀରେ ପହଞ୍ଚିଥିଲା। ଭୋଟର ତାଲିକା ପ୍ରସ୍ତୁତିଠାରୁ ଆରମ୍ଭ କରି ଭୋଟରଙ୍କ ଘରକୁ ଘର ଯାଇ ଏନେଇ ସଚେତନ କରିଥିବାରୁ ୧୩ ଜଣ ବୁଥସ୍ତରୀୟ ଅଧିକାରୀ ଓ ୧୩ ଜଣ ବିଏଲ୍‌ଓ ସୁପର ଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା। ୧୫ ଜଣ କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ପ୍ରଥମ କରି ଭୋଟର ତାଲିକାରେ ନାଁ ସଂଯୋଗ କରିଥିବା ୧୮ ଜଣ ଯୁବ ଭୋଟରଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

## ବିଦ୍ୟାଜ୍ୟୋତି ସମ୍ମାନ ସମାରୋହ

ଗଞ୍ଜାମ,୨୫।୧ (ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସ୍ଥିତ ଯଶୋଦା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଦ୍ୟାଜ୍ୟୋତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଗଞ୍ଜାମ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗିରିଶ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ରାମଚନ୍ଦ୍ର ପୃଷ୍ଟି, ଗଞ୍ଜାମ ଆଇଆଇସି ସୁମିତ୍ରା ପାତ୍ର, ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ରକୁମାର ସେଠୀ ଉପସ୍ଥିତ ଥିଲେ। ଭରସାର ସହ ସମ୍ପାଦକ ବିନୋଦ ପଲେଇ ସ୍ୱେଚ୍ଛାସେବୀ ଉମାଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଗଞ୍ଜାମ ବ୍ଲକରେ ଓଏଏସ୍ ପାଇଥିବା ୪ଜଣ ବିଦ୍ୟାର୍ଥୀ, ମାଟ୍ରିକ ପରୀକ୍ଷାରେ ୨୦୨୫ ମସିହାର ଗଞ୍ଜାମ ବ୍ଲକ ଟପ୍ପରଙ୍କ ସମେତ ଗଞ୍ଜାମ ବ୍ଲକ ଏନଏସି, ରମ୍ଭା ଏନଏସି ଅନ୍ତର୍ଗତ ୨୫ଟି ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାର ପ୍ରଥମ ଟପ୍ପର ବିଦ୍ୟାର୍ଥୀ, ୭ଟି ମହାବିଦ୍ୟାଳୟର ଯୁକ୍ତ ଦୁଇ ଟପ୍ପର, ଯୁକ୍ତତିନି ଟପ୍ପର ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଟପ୍ପର ଓ ଦୁଇଟି ଆଇଆଇଟି ଟପ୍ପର ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା।

# ଜାତୀୟ ମତଦାତା ଦିବସ ପାଳିତ

ଫୁଲବାଣୀ, ୨୫।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ରବିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ସର୍କିଟ ହାଉସରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ମତଦାତା ସଚେତନତା ରାଲି କରାଯାଇଥିଲା।

ଏଥିରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ସ୍ୱୟଂ ସେବକମାନେ ଅଂଶଗ୍ରହଣ କରି ମତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର କରିଥିଲେ। ରାଲି ପରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ରମେଶ ଜେନା ଅତିଥି ଭାବେ ଯୋଗଦେଇ ଲୋକତନ୍ତ୍ରରେ ମତଦାତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଉପ ଜିଲାପାଳ ଭିକାରୀ ସାହୁ, ସହାୟକ ଜିଲାପାଳ କୁମୁଦିନୀ ମଲିକ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବୁଥ ଲେଭେଲ ଅଫିସର, ସୁପରଭାଇଜରଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ମତଦାତା ଦିବସ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।



ମାରାଥନରେ ସଫଳତା ଅର୍ଜନ କରିଥିବା ଜଣେ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଦାରିଙ୍ଗବାଡି ବିଡିଓ ସମ୍ମାନିତ

ଦାରିଙ୍ଗବାଡ଼ି,୨୫।୧ (ଅରୁଣ ସାହୁ)

ଦାରିଙ୍ଗବାଡି ବିଡ଼ିଓ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପ୍ରୀତିରଞ୍ଜନ ରଥଙ୍କୁ ଜିଲା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେ ନିର୍ବାଚନମଣ୍ଡଳୀରେ ଶ୍ରେଷ୍ଠ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ସେହିପରି ଉକ୍ତ ବ୍ଲକ୍‌ର ଶ୍ରେଷ୍ଠ ବିଏଲଓ ପର୍ଯ୍ୟବେକ୍ଷକ ଭାବେ କିରିକୁଟି ସିଆରସିସି ରାକେଶ ସାହୁ ଏବଂ ଶ୍ରେଷ୍ଠ ବିଏଲଓ ଭାବେ ଉକ୍ତ ବ୍ଲକ୍ ଶ୍ରୀନିକେତା ପଞ୍ଚାୟତର ବୁଥ୍‌ର ବିଏଲଓ ସଂଗ୍ରାମ ନାୟକଙ୍କୁ ଜିଲା ପ୍ରଶାସନ ସମ୍ବର୍ଦ୍ଧିତ କରିଛି।

## ମାଘସପ୍ତମୀ ବୁଡ଼ ପାଇଁ ବେଳାଭୂମିରେ ଭିଡ଼

ଗୋପାଳପୁର,୨୫।୧ (ନବୀନ ରାଜ୍ ଆଚାରୀ)

ମାଘ ମାସ ସପ୍ତମୀରେ ଗୋପାଳପୁର ବେଳାଭୂମିରେ ରବିବାର ସକାଳୁ ସମୁଦ୍ରରେ ବୁଡ଼ ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ବ୍ରହ୍ମପୁର ମହାନଗର ଓ ଆଖପାଖ ଅଞ୍ଚଳରୁ ବହୁ ଲୋକେ ସମୁଦ୍ରରେ ସ୍ନାନ କରି ସୂର୍ଯ୍ୟଙ୍କୁ ଆରାଧନା କରି ପୂଜାର୍ଚ୍ଚନା କରିଥିଲେ। ଏହାସହ ବିଶ୍ୱ କଲ୍ୟାଣ ପାଇଁ ଅର୍ଘ୍ୟ ଅର୍ପଣ କରିଥିଲେ। ସମୁଦ୍ରରେ ଲୋକେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଥିଲା। ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଗହଳିକୁ ନଜରରେ ରଖି ଗୋପାଳପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଗୋପାଳପୁର ଏନ୍‌ଏସିର ଜଗନ୍ନାଥ ମନ୍ଦିରରେ ନାମ କୀର୍ତ୍ତନର ଆୟୋଜନ କରାଯାଇଥିଲା।

## ଅଷ୍ଟପ୍ରହର ନାମଯଜ୍ଞ, ଅନ୍ନଯଜ୍ଞ

ଆସିକା,୨୫।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହରର ସର୍ବ ପୁରାତନ ନାମ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ରବିବାର ଲାଲଗୋର୍ଜି ଛକ ପଞ୍ଚମୁଖୀ ହନୁମାନ ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରାତଃରୁ ତ୍ରିବିଧେଶ୍ୱର ଘାଟରୁ ପୋଡ଼ଙ୍ଗୀ ମହନ୍ତ ଅନନ୍ତ କୃଷ୍ଣ ଦାସ ମହାରାଜଙ୍କ ଦ୍ୱାରା ଗଙ୍ଗା ଆଗମନ, ନିତେଇ ଗୌର ମଣ୍ଡପରେ ବିଜେ କରାଯାଇଥିଲା। ନାମମଣ୍ଡପରେ ଅଧିବାସ ପୂଜାପରେ, ବରୁଣ ପୂଜା, ଅଷ୍ଟ ଗୌର, ଅଷ୍ଟ ଗୋସ୍ୱାମୀ, ଦୀପ ପୂଜା, ଦଧି ଭାଣ୍ଡ ପୂଜନ କରାଯିବା ପରେ ଅଖଣ୍ଡ ହରିନାମ ମହାମନ୍ତ୍ର ଆରମ୍ଭ ହୋଇଥିଲା। ଏହି ନାମ ସଂକୀର୍ତ୍ତନ ମଣ୍ଡଳୀର ସଭାପତି ସୁରେନ୍ଦ୍ର ନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲାର ସାମନ୍ତପୁର, ପଙ୍କଲବାଡ଼ି, ଗହଗ୍ରୁ, ବାଲିଛାଇ, ଆସିକାର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ନାମ ସଂକୀର୍ତ୍ତନ ପ୍ରଶିକ୍ଷକ ରବୀନ୍ଦ୍ର ସାହୁ ଯଜ୍ଞ ପରିଚାଳନାକରିଥିଲେ। ଉପେନ୍ଦ୍ର ମହାନ୍ତି, ବାଳକୃଷ୍ଣ ସାହୁ, ଗୋପାଳ କୃଷ୍ଣ ପଣ୍ଡା, କିଶୋର ଚନ୍ଦ୍ର ସାହୁ, ସୀମାଞ୍ଚଳ ସାହୁ, ଭାସ୍କର ଆଚାରୀ, ପ୍ରକାଶ ପାତ୍ର, ବାଲକ୍ରିଷ୍ଣା ଦୋରା ଓ ଅନ୍ୟମାନେ ସହଯୋଗ କରିଥିଲେ। ସୋମବାର ନାମ ଉଦ୍‌ଯାପନ, ଦଧିହାଣ୍ଡି ଭଗ୍ନ, ନଗର ପରିକ୍ରମା, ଅନ୍ନଯଜ୍ଞ ହେବ।

# କିଟ୍ କିସ୍ ପକ୍ଷରୁ ମିନି ମାରାଥନ୍



ମାରାଥନର ଜଣେ ପ୍ରତିଯୋଗୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଫୁଲବାଣୀ,୨୫।୧ (ରାକେଶ କୁମାର ରାଉତ)

ସମସ୍ତଙ୍କ ପାଇଁ ଶିକ୍ଷା ଉଦ୍ଦେଶ୍ୟରେ ଫୁଲବାଣୀରେ କିଟ କିସ ତରଫରୁ ରବିବାର ଏକ ମିନି ମାରାଥାନ ଆୟୋଜିତ ହୋଇଛି । ଏହି ମାରାଥନକୁ ଆଇପିଏସ୍ ପ୍ରବେଶନର କେ. ଶ୍ରୀନିବାସଲୁ ଓ ଜିଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅଧିକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ମହାରଣା, ପ୍ରେସ୍‌କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଶତପଥୀ ଯୋଗଦେଇ ସମସ୍ତଙ୍କ ପାଇଁ ଶିକ୍ଷା ଉଦ୍ଦେଶ୍ୟରେ ଏହି ମାରାଥନ ଉଦ୍ଦେଶ୍ୟ ଉପରେ ମତ ରଖିଥିଲେ। ଏଭଳି କାର୍ଯ୍ୟକ୍ରମ ଶାରୀରିକ ସୁସ୍ଥତା ସହିତ, ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ଅତିଥି କହିଥିଲେ। ଶତାଧିକ ଛାତ୍ରୀଛାତ୍ରୀ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇ କରୋନେଶନ ପଡ଼ିଆରୁ ବାହାରି ମାଦିକୁନ୍ଦା ଛକ ପର୍ଯ୍ୟନ୍ତ ଦୌଡ଼ିଥିଲେ। ଜିଲାର କିସ୍ ସଂଯୋଜକ ଭାଗିରଥି ସେଠୀ ଓ ଶିବ ବିଶାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟିଟ୍ରାପଙ୍ଗା ସରପଞ୍ଚଙ୍କ ବିୟୋଗ

ଖଜୁରିପଡ଼ା,୨୫।୧ ( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଟିଟ୍ରାପଙ୍ଗା ପଞ୍ଚାୟତର ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନଙ୍କ ରବିବାର ବିୟୋଗ ହୋଇଛି। ନଭେମ୍ବରରେ ଟିଟ୍ରାପଙ୍ଗା ପଞ୍ଚାୟତର ସମିତି ସଭ୍ୟାଙ୍କ ଭାଇ ଭୁବନେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ତାଙ୍କୁ ସାକ୍ଷାତ କରି ଆଡାଶୀପଡ଼ା ସରପଞ୍ଚ ବ୍ରଜମୋହନ କହଁରଙ୍କ ସହିତ ଫେରୁଥିବା ବେଳେ ସଞ୍ଜୀବ ଅଚେତ୍ ହୋଇ ଯାଇଥିଲେ। ସେଠାରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ବ୍ରେନ୍ ଷ୍ଟୋକ ହୋଇଥିବା କହିଥିଲେ। ୨ମାସ କୋମାରେ ରହି ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ରବିବାର ଅପରାହ୍ନରେ ତାଙ୍କର ବିୟୋଗ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସମେତ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି,ସମିତି ଅଧକ୍ଷା ଅନିମା କହଁର, ଖବରଦାତା, ଗୌର ଚରଣ ବେହେରା, ବିଦୁର ବେହେରା, ଅନନ୍ତ ଦିଗାଲ ଓ ଅନ୍ୟମାନେ ତାଙ୍କ ଶେଷ ଦର୍ଶନ କରିଥିଲେ।

# ଜିଲାରେ ପୁଞ୍ଜି ନିବେଶକୁ ଉତ୍ସାହିତ କରୁଛନ୍ତି ଆକର୍ଷ

ପାରଳାଖେମୁଣ୍ଡି,୨୫।୧ (ଗିରିଧାରୀ ପରିଚ୍ଛା)

ଶିଳ୍ପବିହୀନ ଗଜପତି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକଙ୍କୁ ପ୍ରେରଣା ସହ ଜିଲାରେ ପ୍ରୋତ୍ସାହିତ କରିବା ଦିଗରେ ନିଜ କାର୍ଯ୍ୟ ଦକ୍ଷତା ପ୍ରତିଫଳିତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେ। ସେ ହେଉଛନ୍ତି ଇନ୍‌ଭେଷ୍ଟିମେଣ୍ଟ ପ୍ରମୋସନ ଏଜେନ୍ସି (ଡିଆଇପିଏ) ନିବେଷକ ସଂଯୋଜକ ଅଧିକାରୀ ଆକର୍ଷ ରଞ୍ଜନ ପ୍ରଧାନ।



ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ ହେଉଛନ୍ତି ଆକର୍ଷ।

ଆଦିବାସୀ ବହୁଳ ଗଜପତି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷ ରଞ୍ଜନ ଜିଲାରେ ନିବେଶକଙ୍କୁ ସମସ୍ତ ସହଯୋଗ କରି ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରି ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲାରେ ନିବେଶକମାନଙ୍କ ସହ ବ୍ୟବସାୟରେ ୫୧୩ କୋଟି ଟଙ୍କା ନିବେଶ କରି ନିବେଶକଙ୍କ ଦ୍ୱାରା ଶିଳ୍ପ ପ୍ରତିଷ୍ଠା କରିବାରେ ସଫଳ ହୋଇଛନ୍ତି। ଏହାର ଫଳସ୍ୱରୂପ ଗଜପତି ଜିଲାରେ ୨୫୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ଆଣିବା ପାଇଁ ପ୍ରଶାସନକୁ ପ୍ରସ୍ତାବ ମିଳିଛି। ଜିଲାର ଜିରାଙ୍ଗ, ସିଦ୍ଧାମଡ଼ଙ୍ଗ, ତମ୍ପୋପେଟା, ତାଲସିଂ ଭଳି ଜିଲାର ଅନୁନ୍ନତ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରିବା ଲକ୍ଷ୍ୟରେ ରିସର୍ଟ ନିର୍ମାଣ, ନବୀକରଣ ଶକ୍ତି (ସୋଲାର) କୋଲଡ ଷ୍ଟୋରେଜ, ଅତ୍ୟାଧୁନିକ ମିଲ, ଫାର୍ମାସିଟ୍ୟୁକାଲ କ୍ଷେତ୍ରରେ ୭ଟି ବଡ ପ୍ରକଳ୍ପ ପାଇଁ ଅନୁମୋଦନ ମିଳିଛି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ନିକଟରେ ଶେଷ ହୋଇଥିବା ଗଜପତି ମହୋତ୍ସବରେ ଜିଲା ପ୍ରଶାସନ ପକ୍ଷରୁ ଆକର୍ଷଙ୍କୁ ସମ୍ମାନିତ କରାଯାଇଛି।

# ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ଛତ୍ରପୁର,୨୫।୧ (ଦିଲୀପ ସାମଲ)

ଗଞ୍ଜାମ ଜିଲାର ବହୁ ପୁରାତନ ଅନ୍‌ସ୍ଲୋ ଶିକ୍ଷାନୁଷ୍ଠାନରେ ୧୯୭୭ରେ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ଦୀର୍ଘ ୪୯ ବର୍ଷ ପରେ ଉଜ୍ଜଳେଶ୍ୱରୀ ମନ୍ଦିର ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପୂର୍ବତନ ଶିକ୍ଷକ କୁମୁଦ ଚନ୍ଦ୍ର ତ୍ରିପାଠୀଙ୍କୁ ଛାତ୍ରୀଛାତ୍ରମାନେ ସମ୍ମାନିତ କରି ଉପସ୍ଥିତ ସମସ୍ତ ଶିକ୍ଷକମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରମାନେ ପାଠପଢା ସମୟର ସ୍ମୃତି ଓ ଅନୁଭୂତି ସାଉଁଟିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

## ପିଏମଶ୍ରୀ ଉତ୍ସବରେ ଅର୍ଚ୍ଚିତା ସମ୍ମାନିତ

ଦିଗପହଣ୍ଡି, ୨୫।୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ କନିଶି ଗ୍ରାମ ପିଏମ ଶ୍ରୀ ବାଲାଜୀ ବିଦ୍ୟାପୀଠରେ ଗଞ୍ଜାମ ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଦିଗପହଣ୍ଡି ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ସାମନ୍ତଙ୍କ ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଖଣି, ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଚ୍ଚିତାଙ୍କୁ ପୁରସ୍କୃତ କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ଜିଲା ଶିକ୍ଷାଧିକାରୀ ଅଜୟ ପାତ୍ର, ଏଡିଇଓ ପ୍ରଭାତୀ ମହାପାତ୍ର, ବିଇଓ ଡ. ଶଙ୍କର ନାରାୟଣ ବେଜ ଉପସ୍ଥିତ ଥିଲେ। ଅର୍ଚ୍ଚିତା ଦିଗପହଣ୍ଡିର ଉଦୟନାଥ ସାମନ୍ତ ଓ ପ୍ରଦୀପ୍ତାଙ୍କ ଝିଅ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମିନି ମାରାଥନ୍ ଦୌଡ଼

ବାଲିଗୁଡା,୨୫।୧ (ସଞ୍ଜୟ କୁମାର ପାଣିଗ୍ରାହୀ)

ଉପଖଣ୍ଡ ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡ଼ାରେ ଉପଖଣ୍ଡ ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ମିନି ମାରାଥନ୍ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉତ୍ସବ ପାଳନ କମିଟିର ସମ୍ପାଦକ ଶିବ ଶଙ୍କର ସମରଥ, ଯୁଗ୍ମ ସମ୍ପାଦକ ତୀର୍ଥବାସୀ ଘଡାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ନିକଟରେ ସ୍ଥାନୀୟ ଉପଜିଲାପାଳ ପ୍ରଣିତା ଦାସ, ଏସଡିପିଓ ଶୁଭମ ଭୋଶଲେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଗଣ ଦୌଡ଼ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ମହାଲକ୍ଷ୍ମୀ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିଲା ଏବଂ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା। ଏଥିରେ ବାଲିଗୁଡା ଅଞ୍ଚଳର ୪୦୦ ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ସାମିଲ୍ ହୋଇଥିବା ବେଳେ କୃତି ଯୁବତୀ ଯୁବକଙ୍କୁ ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ପ୍ୟାରେଡ ଉତ୍ସବରେ ପୁରସ୍କୃତ କରାଯିବ। ଏଥିରେ ଅଭିମନ୍ୟୁ ପ୍ରଧାନ, ରଶ୍ମି ରଞ୍ଜନ ମହାରଣାଙ୍କ ସମେତ ବହୁ ପଦାଧିକାରୀ ବରିଷ୍ଠ କ୍ରୀଡ଼ାବିତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



# ଗୋପାଳପୁର ବେଳାଭୂମି ମହୋତ୍ସବ ପାଇଁ ମେଗା ମାରାଥନ

ଗୋପାଳପୁର,୨୫।୧ (ନବୀନ ରାଜ୍ ଆଚାରୀ)

ଗୋପାଳପୁର ବେଳାଭୂମି ମହୋତ୍ସବ ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ରବିବାର ୧୦ କିମି ମେଗା ମାରାଥନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗୋପାଳପୁର ଜଙ୍କସନରେ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି.କିର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ସିର୍କେ ପତାକା ଦେଖାଇ ମାରାଥନ ଶୁଭାରମ୍ଭ କରିଥିଲେ। ପ୍ରାୟ ୬୭୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହା ୧୦ କିମି ରହିଥିଲା। ଏହି ମାରାଥନରେ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଏସ୍‌ପି, ଗଞ୍ଜାମ ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ। ପୁରୁଷ ବିଭାଗର ଓଡ଼ିଶା ପୋଲିସ ଆରବି ଭଞ୍ଜନଗରର କାର୍ଯ୍ୟରତ ଅଶୋକ ଦଣ୍ଡସେନା ପ୍ରଥମ, କଟକ ଜିଲାର ରଶ୍ମି ରଞ୍ଜନ ନାୟକ ଦ୍ୱିତୀୟ ଓ



ମେଗା ମାରାଥନରେ ସାମିଲ ହୋଇଥିବା ଅଧିକାରୀ।

ଗଜପତି ଜିଲାର ଗିନୁ ରଇତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗର ଭୁବନେଶ୍ୱରର ପିଙ୍କି ସାହୁ ପ୍ରଥମ, ବ୍ରହ୍ମପୁର ଅଞ୍ଚଳର ସନ୍ଧ୍ୟାରାଣୀ ବେହେରା ଦ୍ୱିତୀୟ ଓ ରାଧାରାଣୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ସମସ୍ତ ଧାବିକାମାନଙ୍କୁ ଅତିଥିମାନେ ଅଭିନନ୍ଦନ ଜଣାଇବା ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିକୁ ୧୨ ଜହାର, ଦ୍ୱିତୀୟ ସ୍ଥାନ ୮ ହଜାର ଓ ତୃତୀୟ ସ୍ଥାନ ୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଗୋପାଳପୁର ଆର୍ମି ଏଡି କଲେଜ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ତାରାତାରିଣୀଙ୍କୁ ନିମନ୍ତ୍ରଣ

ପୁରୁଷୋତ୍ତମପୁର,(ସବିତା ମିଶ୍ର)

ଗଞ୍ଜାମ ଜିଲାର ଗୋପାଳପୁର ଠାରେ ହେବାକୁଥିବା ବେଳାଭୂମି ମହୋତ୍ସବ ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରଥମେ ଗଞ୍ଜାମର ଇଷ୍ଟଦେବୀ ମା' ତାରାତାରିଣୀଙ୍କୁ ନିମନ୍ତ୍ରିତ କରାଯାଇଛି। ରବିବାର ପୁରୁଷୋତ୍ତମପୁର ତହସିଲଦାର ତଥା ମନ୍ଦିର ନିର୍ବାହୀ ଅଧିକାରୀ ବିନୋଦ ବେହେରା ନିମନ୍ତ୍ରଣ ପତ୍ରଧରି ମା'ଙ୍କ ନିକଟକୁ ଆସି ପୂଜାର୍ଚ୍ଚନା କରିବା ସହ କିପରି ଶାନ୍ତିଶୃଙ୍ଖଳାରେ ମହୋତ୍ସବ ସରିବ ସମସ୍ତ ପର୍ଯ୍ୟଟକେ ଦର୍ଶକ ସୁରକ୍ଷିତ ହୋଇରହିବେ ସେଥିନେଇ କାମନା କରିଛନ୍ତି ମହୋତ୍ସବ ଆରମ୍ଭର ପ୍ରଥମଦିନ ୨୭ ତାରିଖରେ ସ୍ୱତନ୍ତ୍ର ଭାବରେ ଏକ ମଶାଲ ମା'ଙ୍କ ଠାରୁ ବାହାରି ଗୋପାଳପୁରରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହେବ, ଏହି ପରମ୍ପରା ଚଳିତବର୍ଷ ପ୍ରଥମକରି ଆରମ୍ଭ ହୋଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩୮ ଜଣିଆ ସାଂସ୍କୃତିକ ଦଳର ବାଲେଶ୍ୱର ଗସ୍ତ

ବ୍ରହ୍ମପୁର, ୨୫।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩୮ ଜଣିଆ ସାଂସ୍କୃତିକ ଦଳ ବାଲେଶ୍ୱର ଗସ୍ତ କରିଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ୩୯ତମ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ଭାଗ ନେବେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ତଥା ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ବାଲିଗୁଡା ମହାବିଦ୍ୟାଳୟ, ସିଟି କଲେଜ, ଚିକିଟି ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଛାତ୍ର,ଛାତ୍ରୀ ମାନେ ବକ୍ତୃତା, କୁଇଜ, ପ୍ରବନ୍ଧ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ସଂଗୀତ, ପୋଷ୍ଟର ମେକିଙ୍ଗ ଆଦି ୧୫ ଗୋଟି ପ୍ରତିଯୋଗିତାରେ ଭାଗ ନେବେ । ଏହି ଦଳରେ ଟିମ ମେନେଜର ଭାବେ ଡ.ମିହିର ତ୍ରିପାଠୀକ୍, କଂଟିଜେଣ୍ଟ ଇନଚାର୍ଜ ଭାବେ ଅଧ୍ୟାପିକା ଅସ୍ମିତା ବେଉରା ଦଳ ସହ ଗସ୍ତ କରିଛନ୍ତି । ଗତବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳଗତ ଆଦିବାସୀ ନୃତ୍ୟରେ ଚମ୍ପିୟନ ହୋଇ ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟ ଯୁବ ମହୋତ୍ସବରେ ଭାଗ ନେଇ ୨ୟ ସ୍ଥାନ ଅଧିକାର କରିଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି, ସାଂସ୍କୃତିକ ସଂଯୋଜିକା ଡ.ସରିତା ଦାଶ, ଯୁଗ୍ମ କୁଳସଚିବ ଡ. ବାବୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଫ୍ରେଣ୍ଡ୍ସ ହେଲ୍ପିଙ୍ଗ କ୍ଲବ ଆନୁକୂଲ୍ୟରେ ପ୍ରଥମ ଗର୍ଭାଶୟ ଗ୍ରୀବା ଟିକା ପ୍ରଦାନ

ବ୍ରହ୍ମପୁର ,୨୫।୧(ସୁବାସ ଚନ୍ଦ୍ର ପାଢ଼ୀ) ଫ୍ରେଣ୍ଡସ ହେଲିଙ୍ଗ କ୍ଲବ ଆନୁକୁଲ୍ୟରେ ନିଃଶୁଳ୍କ ଭାବେ ଗର୍ଭାଶୟ ଗ୍ରୀବା କର୍କଟରୁ ରକ୍ଷାପାଇବାପାଇଁ ପ୍ରତିଷେଧକ ଟୀକାଦିତୀୟ ଦଫାରେ ପ୍ରଥମ ଟିକା ପ୍ରଦାନ କରାଯାଇଛି। ସମାଜର ଆର୍ଥିକ ଅନଗ୍ରସର ଝିଅମାନଙ୍କୁ ୧୫ ଦିନ ପୂର୍ବରୁ ପଞ୍ଜୀକରଣ କରାଯାଇ ଓ ସମସ୍ତ ଡାକ୍ତରୀ ପରୀକ୍ଷା କରାଯାଇ ଓ ଜିଲ୍ଲା ଚିକିତ୍ସାଧୀକାରୀଙ୍କ ଅନୁମତିରେ ଏହି କାର୍ଯ୍ୟ କରାଯାଇଥିବା ସଂଗଠନର ସଭାପତି ସତ୍ୟକାମ ପାତ୍ର ଓ ସମ୍ପାଦକ ପ୍ରବୀନ କୁମାର ଜଣାଇଥିଲେ। ଟିକାଦାନ ପୂର୍ବରୁ ଉପସ୍ଥିତ ଥିବା ସମସ୍ତ ବାଳିକାଙ୍କୁ ସେର୍ବିକାଲ କ୍ୟାନ୍ସର ପାପିଲମା ଭୁତାଣୁ ଯୋଗୁଁ ହେଉଥିବା ଓ ଏହାର ଲକ୍ଷଣ ମାନ ବିଷୟରେ ଡ.ଟି.ପ୍ରକାଶ ରାଓ, ଇ.ପ୍ରଶାନ୍ତ ପାତ୍ର ଓ ଏହି ପ୍ରୋଜେକ୍ଟର ଅଧ୍ୟକ୍ଷ ଏ.ଏସ.ଏନ ଗୁପ୍ତା ବୁଝାଇଥିଲେ। କ୍ଲବର ସଭ୍ୟ ଇପରୀ ରଘୁନାଥମ, କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି, ମନୋଜ ପାଢୀ ଇ.ଡି.ପାତ୍ର, ଜାମ୍ବୁଲା ସୁରେଶ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ବିକାଶ ପାଇଁ ସକାରାତ୍ମକ ଚିନ୍ତାଧାରା ଜରୁରୀ

ବ୍ରହ୍ମପୁର,୨୫।୧(ସୁବାସ ଚନ୍ଦ୍ର ପାଢ଼ୀ)

## ଗୋପାଳପୁର ବେଳାଭୂମି ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ

ଓଡ଼ିଶାର ଗୋପାଳପୁର ବେଳାଭୂମି ଭାରତର ଏକ ପ୍ରମୁଖ ପ୍ରଦୂଷଣ ମୁକ୍ତ ବେଳାଭୂମି। ପ୍ରକୃତିଦତ୍ତ ଉପକୂଳର ଆକର୍ଷଣୀୟ ଶୋଭା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏହାକୁ ଦୃଷ୍ଟିରେ ରଖି ଗୋପାଳପୁର ବେଳାଭୂମି ମହୋତ୍ସବ କଥା ଚିନ୍ତା କରାଯାଇ ମହୋତ୍ସବ ଆରମ୍ଭ କରାଯାଇଥିଲା। ଗତ ଦୁଇ ବର୍ଷ ବିଭିନ୍ନ କାରଣରୁ ମହୋତ୍ସବ ହୋଇପାରିନଥିଲା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଦେଶ ବିଦେଶରେ ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ରୂପେ ପରିଚିତ କରାଇବା ହିଁ ମହୋତ୍ସବର ମୁଖ୍ୟ ଲକ୍ଷ୍ୟ । ମହୋତ୍ସବ ଆରମ୍ଭ ହେଲେ ପର୍ଯଟନ ସହ ଏଠାକାର ଅର୍ଥନୀତି ଏବଂ ସାମାଜିକ ସାଂସ୍କୃତିକ ଜୀବନ ସମୃଦ୍ଧ କରିବାରେ ଅନେକ ସଂକଳ୍ପ ନିଅନ୍ତି। କିନ୍ତୁ ବେଳାଭୂମିର ବିକାଶ ସେଭଳି ହୋଇପାରିନାହିଁ। ଦୃଢ ଇଛାଶକ୍ତି ଅଭାବ ହିଁ ଏହାର କାରଣ ବୋଲି ଭାଷା ଆନ୍ଦୋଳନ ସଭାପତି ତଥା ପରିବେଶବିତ ସାଗର ରଂଜନ ତ୍ରିପାଠୀ କହିଛନ୍ତି। ତାଙ୍କ କହିବା କଥା ହେଲା ଗୋପାଳପୁର ବେଳାଭୂମି ମହୋତ୍ସବ ଓଡ଼ିଆ ଅସ୍ମିତା ସହ ଜଡ଼ିତ। ବୋଇତ ବନ୍ଦାଣ ଉତ୍ସବ ମଧ୍ୟ ଆରମ୍ଭ ହୋଇଛି। ସବୁଠି କେବଳ ବିକାଶର କଥା ଶୁଣିବାକୁ ମିଳୁଛି। ପ୍ରତ୍ୟେକ କାର୍ଯ୍ୟକ୍ରମରେ ଆସୁଥିବା ଅତିଥିଙ୍କ ମୁହଁରୁ କେବଳ ବିକାଶର ଛାପ ରହୁଛି। କିନ୍ତୁ ତାହା ପର ମୁହୂର୍ତ୍ତରେ ସମୁଦ୍ର ଢେଉରେ ମିଳାଇ ଯାଉଛି। କିନ୍ତୁ ଏଥର ମହୋତ୍ସବ ଏକ ଭିନ୍ନ ଢଙ୍ଗରେ ଆରମ୍ଭ ହୋଇଛି। ପ୍ରଥମେ ବେଳାଭୂମି ସଫେଇରୁ ମହୋତ୍ସବର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ମାରାଥନ ବି ସରିଛି। କ୍ରୀଡା କାର୍ଯ୍ୟକ୍ରମ ପରେ ମହୋତ୍ସବ ଆସନ୍ତା ୨୭ରୁ ଆରମ୍ଭ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। କାର୍ଯ୍ୟକ୍ରମ ପରେ କାର୍ଯ୍ୟକ୍ରମ ବି ସରିବ। କିନ୍ତୁ ପର ମୁହୂର୍ତ୍ତରେ ବୋଳାଭୂମି ଯେଉଁ ଅବହେଳାର ଶିକାର ହେଉଛି ତାହା ଜାରି ରହୁଛି। ଏହାର ମୁଖ୍ୟ କାରଣ ହେଲା ବିକାଶ କରିବାକୁ ହେଲେ ସକାରାତ୍ମକ ଚିନ୍ତାଧାରା ରହିବା ଦରକାର। କେବଳ କହିଲେ ହେବନାହିଁ। ବିକାଶ ଏକ ସାମୂହିକ ପ୍ରକ୍ରିୟା। ତେଣୁ ପ୍ରଶାସନଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ ସମସ୍ତଙ୍କ ଏଥିପ୍ରତି ଗୁରୁଦାୟିତ୍ୱ ରହିଛି। ବେଳାଭୂମି ଓ ପର୍ଯ୍ୟଟକ ସୁରକ୍ଷିତ ରହିଲେ ଦେଶବିଦେଶରେ ଗୋପାଳପୁର ଆଦୃତ ହୋଇପାରିବ। ଏଥି ସହିତ ଗୋପାଳପୁରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଆଇନଜୀବୀ ସୁରେନ୍ଦ୍ର ବେହେରା କୁହନ୍ତି ଗୋପାଳପୁର ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ହାସଲ କରି ସାରିଛି। ସୁନ୍ଦର ବିସ୍ତୀର୍ଣ୍ଣ ବେଳାଭୂମି ହିଁ ଏହାର କାରଣ। ଆର୍ଥିକ କ୍ଷେତ୍ରରେ ବି ଏହି ସ୍ଥାନକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହାର ବିକାଶ କଥା ବହୁ ଆଗରୁ ଆମେ ଶୁଣିଛୁ। କିନ୍ତୁ ଏଯାଏଁ ବିକାଶର ଧାର ଧରିନି। ପର୍ଯ୍ୟଟକ ଏଠାରେ ସୁରକ୍ଷିତ ନୁହଁନ୍ତି। ସନ୍ଧ୍ୟା ହେଲେ ବେଳାଭୂମିରେ ବୁଲିବା ନିରାପଦ ନୁହେଁ। ତେଣୁ ବେଳାଭୂମିର ବିକାଶ କଲେ ହେବନାହିଁ ପର୍ଯ୍ୟଟକଙ୍କ ସୁରକ୍ଷା ବି ଜରୁରୀ। ଏଥିପାଇଁ ପ୍ରଶାସନଠାରୁ ଆରମ୍ଭ କରି ଲୋକେ ବି ସକାରାତ୍ମକ ଚିନ୍ତା କରିବା ଜରୁରୀ ବୋଲି ସେ କହିଛନ୍ତି। ଆହୁରି ଅନେକ ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କୁ ବି ଆମେ ଭେଟିଥିଲୁ। ସମସ୍ତଙ୍କ ମୁହଁରୁ କେବଳ ଅନୁରୂପ କଥା ଶୁଣିବାକୁ ମିଳିଥିଲା।

# ମାଘ ତିଳ ସପ୍ତମୀ: ବେଳାଭୂମିରେ ମହିଳାଙ୍କ ସୂର୍ଯ୍ୟାର୍ଘ୍ୟ



ମହିଳାମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି।

ବ୍ରହ୍ମପୁର ୨୫।୧(ସୁବାସ ଚନ୍ଦ୍ର ପାଢ଼ୀ)

ରବିବାର ପବିତ୍ର ମାଘ ମାସର ତିଳ ସପ୍ତମୀ । ଏହି ଅବସରରେ ଗୋପାଳପୁର ବେଳାଭୂମିର ସମୁଦ୍ରରେ ବୁଡ଼ ପାଇଁ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ଶନିବାର ମଧ୍ୟ ରାତ୍ର ଠାରୁ ସ୍ଥାନୀୟ ଅଂଚଳ ସମେତ ବ୍ରହ୍ମପୁର ଓ ଆଖପାଖ ଅଂଚଳ ମାନଙ୍କରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ବେଳାଭୂମି ମୁହାଁ ହୋଇଥିଲେ । ମହିଳା ମାନେ ସମୁଦ୍ରରେ ସ୍ନାନ କରିଥିଲେ। ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ସହ ବିଶ୍ୱ କଲ୍ୟାଣ ପାଇଁ ଅର୍ଘ୍ୟ ଅର୍ପଣ କରିଥିଲେ । ଲୋକଙ୍କ ଗହଳିକୁ ନଜରରେ ରଖି ଗୋପାଳପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ନାମ କୀର୍ତ୍ତନ ଆୟୋଜନ କରାଯାଇଥିଲା ।

# ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ

ଦିଗପହଣ୍ଡି,୨୫।୧(ଅଶେଷ ନାଥ ମିଶ୍ର)

## ରାଜା ସୀମାଞ୍ଚଳ ରୂପେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ



ନୃତ୍ୟଗୁରୁ ସୀମାଞ୍ଚଳ ପାତ୍ର।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ବଡ଼ସାହିର ପୌରାଣିକ ପ୍ରହଲ୍ଲାଦ ନାଟକର ହିରଣ୍ୟକଶିପୁ ରାଜା ଭୂମିକାରେ ଅଭିନୟ କରୁଥିବା ନିର୍ଦ୍ଦେଶକ (ଗୁରୁ) ସୀମାଞ୍ଚଳ ପାତ୍ର (୯୭)ଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଛନ୍ତି। ତାଙ୍କୁ ଆଗାମୀ ଦିନରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରିବେ। ଏହି ଖବର ପ୍ରଚାର ହେବା ପରେ ସମଗ୍ର ଗଞ୍ଜାମ ଜିଲା ଓ ଦିଗପହଣ୍ଡି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ବମୋକେଇ ଗ୍ରାମର ସୁର ପାତ୍ର ଓ ବାଙ୍ଗାରି ଦେବୀଙ୍କ ପୁଅ ସୀମାଞ୍ଚଳ ମାତ୍ର ୬ ବର୍ଷ ବୟସରେ ପାଲୁରଗଡ଼ର ନୃତ୍ୟଗୁରୁ ନରସିଂହ ପ୍ରଧାନଙ୍କଠାରୁ ଓଡ଼ିଶୀ ନୃତ୍ୟର ପୂର୍ବାଭାସ ସଖୀ ନାଚ ଶିକ୍ଷା କରିଥିଲେ। ବାପା ସୁର ପାତ୍ର ଜଣେ ଗରିବ ଚାଷୀ ଥିଲେ। ସୁର ଗ୍ରାମର ପ୍ରହଲ୍ଲାଦ ନାଟକର ଅସୁର ରାଜା ହିରଣ୍ୟକଶିପୁ ଭୂମିକାରେ ଅଭିନୟ କରୁଥିଲେ। ତେଣୁ ସୀମାଞ୍ଚଳ ପିଲାଟି ଦିନରୁ ବାପାଙ୍କୁ ଅନୁସରଣ କରି ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିବା ଦେଖି ସେ ତାଙ୍କୁ ନାଟକର ସୂତ୍ରଧର ଗୀତ ଅଭ୍ୟାସ କରାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ନିର୍ଦ୍ଦେଶନାରେ ସେ ରାଜାନାଟ ବା ପ୍ରହଲ୍ଲାଦ ନାଟକର ପ୍ରହଲ୍ଲାଦ ଭୂମିକାରେ ଉଚ୍ଚକୋଟୀର ଅଭିନୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ବାପାଙ୍କ ଦେହାନ୍ତ ପରେ ସେ ପ୍ରହଲ୍ଲାଦ ନାଟକର ଗୁରୁ ତ୍ରିନାଥ ପ୍ରଧାନ ଏବଂ ଲକ୍ଷ୍ମଣ ଶତପଥୀଙ୍କ ନିକଟରେ ଦୀର୍ଘ ୨୦ ବର୍ଷ ନୃତ୍ୟାଭିନୟର ବିଭିନ୍ନ ଶୈଳୀ, ରାଗ, ରସ, ଲୟ, ଠାଣି, ସଂଳାପ, ନୃତ୍ୟଭଙ୍ଗୀ ପ୍ରଭୃତି ଶିକ୍ଷା ଗ୍ରହଣ କରି ପରବର୍ତ୍ତୀ ସମୟରେ ଦୈତ୍ୟରାଜ ହିରଣ୍ୟକଶିପୁ ଭୂମିକାରେ ଅଭିନୟ କରି ଆସୁଥିଲେ। ତାଙ୍କୁ ସମଗ୍ର ଅଞ୍ଚଳରେ ରାଜା ସୀମାଞ୍ଚଳ ବୋଲି ଲୋକେ ଡାକୁଥିଲେ। ସୀମାଞ୍ଚଳଙ୍କ ଉଚ୍ଚକୋଟୀର ଅଭିନୟ ଓ ଲୋକ ନାଟକର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୯୦ରେ ତାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ରାଜା ନାଟକରେ ତାଙ୍କ ପ୍ରତିଭା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୧୯୯୭ରେ ଲୋକନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁବାର ବ୍ରହ୍ମପୁରସ୍ଥିତ ଉତ୍କଳ ଆଶ୍ରମର ଶତବାର୍ଷିକୀ ସମାରୋହରେ ତାଙ୍କୁ ସମ୍ମାନିତ କରାଯିବାକୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା କାରଣରୁ ସେ ଉପସ୍ଥିତ ହୋଇପାରି ନ ଥିଲେ। ତାଙ୍କୁ ଶୁକ୍ରବାର ଦିଗପହଣ୍ଡିଠାରେ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କବିସୂର୍ଯ୍ୟ ଜୟନ୍ତୀ ମହୋତ୍ସବରେ ସମ୍ମାନ ପତ୍ର ଅତିଥିମାନେ ପ୍ରଦାନ କରିଥିଲେ।

# ରାଜ୍ୟପାଳ ପଦକ ପାଇବେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର

ବ୍ରହ୍ମପୁର, ୨୫।୧(ସୁବାସ ଚନ୍ଦ୍ର ପାଢ଼ୀ): ଆସନ୍ତା ୭୭ତମ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ପଦକ ପାଇବେ ( ବ୍ରହ୍ମପୁର) ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆଇଜି ନୀତି ଶେଖର। ଏ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଗତ ୨୨ ତାରିଖରେ ଜାରି ହୋଇଥିବା ଚିଠିରେ ଉଲ୍ଲେଖ ରହିଛି। କେଟେଗୋରୀ–୧ ରେ ଦୁଇ ବରିଷ୍ଠ ପୋଲିସ ସେବା ଅଧିକାରୀ ଏହି ପଦକ ପାଉଥିବା ବେଳେ ବ୍ରହ୍ମପୁର ଆଇଜି ନୀତି ଶେଖରଙ୍କ ସହ କେନ୍ଦ୍ରାଞ୍ଚଳ(କଟକ) ପୋଲିସ ଆଇଜି ଡା. ସତ୍ୟଜିତ ନାୟକ ମଧ୍ୟ ଏହି ସମ୍ମାନ ପାଇବେ। ୨୦୨୫ ମସିହାରେ ପୋଲିସ ରେଞ୍ଜର ଉଲ୍ଲେଖନୀୟ କାର୍ଯ୍ୟ କାରଣରୁ ଏହି ସମ୍ମାନ ପାଇବେ ଦକ୍ଷିଣାଞ୍ଚଳ ଆଇଜି। ଆସନ୍ତା କାଲି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାତି ଏହି ପଦକ ତାଙ୍କୁ ପ୍ରଦାନ କରିବେ ବୋଲି ସୂଚନା ମିଳିଛି।

# ମତଦାତା ଦିବସରେ ସଚେତନତା ପଦଯାତ୍ରା



ବ୍ରହ୍ମପୁର,୨୫।୧(ସ୍ମୃତି ରଞ୍ଜନ ମହାଲିକ): ୧୬ତମ ଜାତୀୟ ମତଦାତା ଦିବସ ଅବସରରେ ରବିବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ପତାକା ଦେଖାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ କମାପଲୀ ଓ କୋର୍ଟ ଦେଇ ପୁଣି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲା । ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ବୁଥ ସ୍ତରୀୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ଅଂଶ ଗ୍ରହଣକାରୀ ମାନେ ଗୋଟିଏ ଭୋଟ ଅତି ମୂଲ୍ୟବାନ, ଭୋଟ ଦେବା ହେଉଛି ଆମ ଅଧିକାର , ଭୋଟର ତାଲିକାରେ ନାମ ପଞ୍ଜିକରଣ କରନ୍ତୁ କହି ସ୍ଲୋଗାନ ଦେଇ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା କରାଇଥିଲେ । ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥି, ସହକାରୀ କମିଶନର ରୋନିତ କୁମାର, ତହସିଲଦାର ରାକେଶ କୁମାର ପରିଡା ଓ ଅତିରିକ୍ତ ତହସିଲଦାର ହୃଷିକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।




# ନୂଆ ପିଢ଼ିର ଲେଖକ ଅଧିକ ପଠନପିପାସୁ ହୁଅନ୍ତୁ

ବ୍ରହ୍ମପୁର, ୨୫।୧ (ସ୍ମୃତି ରଞ୍ଜନ ମହାଲିକ): ନେତାଜୀ ସାରସ୍ୱତ ମଞ୍ଚର ଏକବିଂଶତିତମ ସାମ୍ବତ୍ସରିକ ସମାରୋହ ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ଶରତ କୁମାର ଦାସ ପୌରୋହିତ୍ୟ କରିଥିଲେ। ନାଟ୍ୟକାର ଇଂ ଯାମିନୀକାନ୍ତ ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ନୂଆ ପିଢ଼ିର ଲେଖକ ଅଧିକରୁ ଅଧିକ ପଠନ ପିପାସୁ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ମହାମାୟୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ଡ. ରମେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମଞ୍ଚର ଦୁଇ ଦଶନ୍ଧିର ସାରସୱତ ଯାତ୍ରା ବିଷୟରେ କହିଥିଲେ । ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟା ଡ. ଉଷାରାଣୀ ରଥ ମୁଖ୍ୟବକ୍ତା ରୂପେ ନୂଆ ପିଢ଼ିର ଲେଖକମାନେ କୌଣସି ସୀମା ସରହଦ କି ବାଦ ମଧ୍ୟରେ ଆବଦ୍ଧ ନୁହନ୍ତି ; ବରଂ ମୁକ୍ତ ଭାବରେ ସେମାନେ ନିଜକୁ ଗଳ୍ପ ଓ କବିତାରେ ପ୍ରକାଶ କରୁଛନ୍ତି ବୋଲି କହିଥିଲେ । ଶାନ୍ତି ନିକେତନ ବିଶ୍ୱଭାରତୀ ବିଶବିଦ୍ୟାଳୟ ଓଡ଼ିଆ ବିଭାଗ ସହଯୋଗୀ ପ୍ରଫେସର୍ ଡ. ଶରତ କୁମାର ଜେନା ବିଶିଷ୍ଟ ବକ୍ତା ରୂପେ ଦକ୍ଷିଣାଞ୍ଚଳର କଥା–କବିତା ପରମ୍ପରା ଓ ଆଗାମୀ ପିଢ଼ି ଲେଖକ, ଲେଖିକାଙ୍କ ଆଗରେ ଥିବା ଆହ୍ୱାନ ବିଷୟରେ ଆଲୋକପାତ କରିଥିଲେ । ସାରସ୍ୱତ ମଞ୍ଚର ଉପଦେଷ୍ଟା ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।



